# NATIONAL NEWS BULLETIN (ODIA)
## 22 August - 2024
## Morning Bulletin : 7.15 A.M.

****************************************

## ମୁଖ୍ୟ ସମ୍ବାଦ

- ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ସଫଳତାର ସ୍ମୃତି ସ୍ୱରୂପ ଆସନ୍ତାକାଲି ଭାରତ ପାଳନ କରିବ ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ।
- ପୋଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ଆଜି ପ୍ରତିନିଧି ମଣ୍ଡଳୀସ୍ତରୀୟ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କୋଲକାତା ଆର୍.ଜି. କର ମେଡ଼ିକାଲ କଲେଜ ଘଟଣାରେ ପୀଡ଼ିତାଙ୍କ ପରିଚୟ ହଟାଇବା ଲାଗି କେନ୍ଦ୍ର ଆଇ.ଟି. ମନ୍ତ୍ରଣାଳୟର ନିର୍ଦ୍ଦେଶ ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଟିମ୍‌କୁ ଭବ୍ୟ ସ୍ୱାଗତ

–ଖେଳାଳିମାନଙ୍କୁ ପୁରସ୍କାର ଅର୍ଥରାଶି ପ୍ରଦାନ କଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।

# ଜିତେନ୍ଦ୍ର - ସ୍ପେସ୍ ଡେ

ଭାରତ ଆସନ୍ତାକାଲି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ ପାଳନ କରିବ । ଗତବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତ ଚନ୍ଦ୍ରଯାନ-୩ ଅଭିଯାନରେ ବିକ୍ରମ ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରାଇବାରେ ସଫଳତା ହାସଲ କରିଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ମୁଖ୍ୟ ସମାରୋହର ଉଦ୍‌ଘାଟନ କରିବେ । ଚଳିତବର୍ଷର ରାଷ୍ଟ୍ରୀୟ ମହାକାଶ ଦିବସର ବାର୍ତ୍ତା ରହିଛି **ଚନ୍ଦ୍ରକୁ ଛୁଇଁବା-ଜୀବନକୁ ଛୁଇଁବା- ଭାରତୀୟ ମହାକାଶର ଗାଥା ।**

ଗତକାଲି ନୂଆଦିଲ୍ଲୀରେ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ମହାକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସ କେବଳ ଉତ୍ସବର ଦିନ ନୁହେଁ, ବରଂ ଦେଶର ଶକ୍ତି, ଆତ୍ମନିରୀକ୍ଷଣ ଏବଂ ଭବିଷ୍ୟତର ଯୋଜନାଗୁଡ଼ିକ ଉପରେ ସମୀକ୍ଷା କରିବାର ଦିନ । ସେ କହିଛନ୍ତି ଆସନ୍ତା ୧୦ ବର୍ଷ ମଧ୍ୟରେ ମହାକାଶ ଅର୍ଥନୀତି ୫ ଗୁଣା ବୃଦ୍ଧିପାଇ ୪୪ ବିଲିୟନ୍ ଡଲାରରେ ପହଞ୍ଚିବ । **V/O**

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ ଅବତରଣ କରିବା ପରେ ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିବଶକ୍ତି ପଏଣ୍ଟ ନାମରେ ନାମିତ କରିଥିଲେ । ଏଥିସହିତ ସେହିଦିନକୁ ରାଷ୍ଟ୍ରୀୟ ମହାକାଶ ଦିବସ ଭାବେ ପାଳନ କରିବା ନେଇ ସେ ଘୋଷଣା କରିଥିଲେ ।

# ପିଏମ୍-ପୋଲାଣ୍ଡ ଭିଜିଟ୍

ଦୁଇଦିନିଆ ପୋଲାଣ୍ଡ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଙ୍କ ସହିତ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା କରିବେ । ଉଭୟ ନେତା ଦ୍ୱିପକ୍ଷିୟ ସମ୍ପର୍କ ଉପରେ ସମୀକ୍ଷା ସହ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ଏହି ଅବସରରେ ପୋଲାଣ୍ଡର ରାଷ୍ଟ୍ରପତି ଆଣ୍ଡ୍ରଏଜ୍ ଡୁଡାଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଔପଚାରିକ ଭାବେ ସ୍ୱାଗତ କରାଯିବା ପରେ ସେ ଅଜ୍ଞାତ ସୈନିକଙ୍କ ସ୍ମାରକୀରେ ପୁଷ୍ପାଞ୍ଜଳି ଅର୍ପଣ କରିବେ । ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସେଠାକାର ବାଣିଜ୍ୟ ନେତୃତ୍ୱ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଆଲୋଚନା କରିବା ନେଇ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି ।

ଗତକାଲି ୱାରସ୍‌ରେ ଭାରତୀୟ ସଂପ୍ରଦାୟଙ୍କ ସହ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ବର୍ତ୍ତମାନର ଭାରତ ସମସ୍ତ ଦେଶଗୁଡ଼ିକ ସହ ଘନିଷ୍ଠ ସଂପର୍କ ସ୍ଥାପନ କରିଛି । ସେ କହିଛନ୍ତି ବର୍ତ୍ତମାନର ସମୟ ଯୁଦ୍ଧ ନୁହେଁ, ବରଂ ସମାଧାନର ସମୟ ଏବଂ ଭାରତ

କୂଟନୀତିରେ ବିଶ୍ୱାସ କରେ । ଶ୍ରୀ ମୋଦୀ କହିଛନ୍ତି ଭାରତ ଶାନ୍ତିର ଦୂତ ଭାବେ ସାରା ବିଶ୍ୱକୁ ବନ୍ଧୁ ଭାବରେ ଗ୍ରହଣ କରିଛି ।

ପୋଲାଣ୍ଡ ଏବଂ ୟୁକ୍ରେନ୍ ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୱାରସ୍‌ରେ ପହଞ୍ଚିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ଗସ୍ତ ଉଭୟ  ଭାରତ ଏବଂ ପୋଲାଣ୍ଡ ମଧ୍ୟରେ ସଂପର୍କ ସୁଦୃଢ଼ କରିବା ସହ ଦୁଇଦେଶର ନାଗରିକଙ୍କୁ ଲାଭାନ୍ୱିତ କରିବ ।

ଆମ ସମ୍ବାଦଦାତା ଜଣାଇଛନ୍ତି ଗତ ୪୫ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ପୋଲାଣ୍ଡ ଗସ୍ତ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତି  ଭ୍ଲାଦିମୀର ଜେଲେନ୍‌ସ୍କିଙ୍କ ନିମନ୍ତ୍ରଣକ୍ରମେ ଆସନ୍ତାକାଲି ୟୁକ୍ରେନ୍‌ରେ ପହଞ୍ଚିବେ । ୧୯୯୨ରେ ଭାରତ ଏବଂ ୟୁକ୍ରେନ୍ ମଧ୍ୟରେ ଆପୋଷ ସଂପର୍କ ବୃଦ୍ଧି ପାଇଥିଲା ଓ ଏହା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ୟୁକ୍ରେନ୍ ଗସ୍ତ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜନୈତିକ ବ୍ୟାପାର, ଆର୍ଥିକ ନିବେଶ, ଶିକ୍ଷା ଏବଂ ସାଂସ୍କୃତିକ ବିଷୟ ଉପରେ ଆଲୋଚନା କରିବେ ।

# ଗିରିରାଜ-ହାଣ୍ଡିକ୍ରାପ୍ଟ

ଦେଶରେ ହସ୍ତଶିଳ୍ପର ବିକାଶ ଦର ୯ରୁ ୧୦ ପ୍ରତିଶତ ମଧ୍ୟରେ ରହିଛି । ଗତକାଲି ନୂଆଦିଲ୍ଲୀରେ ୨୪ତମ ହସ୍ତଶିଳ୍ପ ରପ୍ତାନୀ ପୁରସ୍କାର ପ୍ରଦାନ

କରିବା ଅବସରରେ କେନ୍ଦ୍ର ବୟନ  ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି ଭାରତର ଅର୍ଥ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ହସ୍ତଶିଳ୍ପର ପ୍ରମୁଖ ଭୂମିକା ରହିଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂ ମହିଳାମାନଙ୍କୁ ଅଧିକ ସଂଖ୍ୟାରେ ହସ୍ତଶିଳ୍ପ କ୍ଷେତ୍ରରେ ସାମିଲ ହେବା ଲାଗି ଆହ୍ୱାନ ଦେଇଛନ୍ତି । ହସ୍ତଶିଳ୍ପ ରପ୍ତାନୀ ସମ୍ବର୍ଦ୍ଧନା ପରିଷଦ ଦେଶର ପ୍ରମୁଖ ହସ୍ତଶିଳ୍ପ ରପ୍ତାନୀକାରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏଥିରେ ଅଜୟ ଗୁପ୍ତାଙ୍କ କମ୍ପାନୀ ସି.ଏଲ୍.ଗୁପ୍ତା ଏକ୍ସପୋର୍ଟ ଲିମିଟେଡ୍‌କୁ ୨୦୧୯-୨୦ ଏବଂ ୨୦୨୦-୨୧ ଦୁଇଟି ବର୍ଷ ଲାଗି ହସ୍ତଶିଳ୍ପ କ୍ଷେତ୍ରରେ ସମସ୍ତ ପୁରସ୍କାର ପ୍ରଦାନ କରାଯାଇଛି । ଜାମ୍ମୁ କାଶ୍ମୀରର ମୁଜାଫର ହୁସେନଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଦିଆଯାଇଛି ।

## ବୈଷ୍ଣବ-ଏଆଇ

ଭାରତର କୃତ୍ରିମ ବୁଦ୍ଧିମତ୍ତା ଅଭିଯାନକୁ ଏନ୍‌ଭିଡ଼ିଆ କମ୍ପାନୀ ସଂପୂର୍ଣ୍ଣ ସମର୍ଥନ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ ଏବଂ ଆଇ.ଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି ଉଭୟ ପକ୍ଷ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରୁ ଲାଭ ପାଇବା ଏବଂ ଭାରତର ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରିବା ଉପାୟ ଗୁଡ଼ିକ ଉପରେ ଆଲୋଚନା ହୋଇଛି । ଏଥିରେ ଭାରତ ନିଜର ଏ.ଆଇ.ଚିପ୍ ବିକଶିତ କରିବ ବୋଲି କୁହାଯାଇଛି । ଚଳିତବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର

ମନ୍ତ୍ରିମଣ୍ଡଳ ରାଷ୍ଟ୍ରୀୟ ସ୍ତରରେ ଇଣ୍ଡିଆ ଏ.ଆଇ. ଅଭିଯାନକୁ ସ୍ୱୀକୃତି ଦେବା ସହ ଏଥିପାଇଁ ବଜେଟ୍‌ରେ ୧୦ ହଜାର ୩୭୨ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରିଛି ।

# ଆର୍.ଜି.କର

ଇଲେକ୍‌ଟ୍ରୋନିକ୍ ଏବଂ ଆଇ.ଟି ମନ୍ତ୍ରଣାଳୟ ଭାରତରେ କାର୍ଯ୍ୟ କରୁଥିବା ସମସ୍ତ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ଆର୍.ଜି.କର ମେଡ଼ିକାଲ କଲେଜ ଘଟଣାର ପୀଡ଼ିତାଙ୍କ ପରିଚୟ ସଂପର୍କିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛି । ସୁପ୍ରିମକୋର୍ଟ ସମସ୍ତ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମକୁ ମୃତକଙ୍କ ପରିଚୟ ଏବଂ ଫଟୋ ହଟାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପରେ ମନ୍ତ୍ରଣାଳୟ କହିଛି ଏଭଳି ସମ୍ବେଦନଶୀଳ ଘଟଣାରେ  ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ଯେଭଳି କୌଣସି ସୂଚନା ପ୍ରସାରିତ ନ ହୁଏ, ତାହା ସୁନିଶ୍ଚିତ କରିବା ଆବଶ୍ୟକ ।

ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି ଆଦେଶ ଅନୁପାଳନ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ରାଜନାଥ - ୟୁ.ଏସ୍.

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲିଠାରୁ  ଚାରିଦିନିଆ ଆମେରିକା ଗସ୍ତରେ ଯିବେ । ସେ ତାଙ୍କ  ଆମେରିକୀୟ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ଭାରତ-ଆମେରିକା ସଂପର୍କ ଏବଂ ଏକାଧିକ ସ୍ତରରେ ପ୍ରତିରକ୍ଷା କାର୍ଯ୍ୟରେ ବୃଦ୍ଧି ପାଉଥିବା ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ। ଏହି ଗସ୍ତ ଭାରତ-ଆମେରିକାର ବିସ୍ତୃତ ବୈଶ୍ୱିକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ  ଭବିଷ୍ୟତ ସହଭାଗିତାକୁ ଦୃଷ୍ଟିରେ ରଖି ଶ୍ରୀ ସିଂ ଆମେରିକାର ପ୍ରତିରକ୍ଷା ଶିଳ୍ପ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ । ଏହି ଗସ୍ତ ଅବସରରେ ସେ ସେଠାକାର ଭାରତୀୟ ସଂପ୍ରଦାୟଙ୍କ ସହିତ ଭାବ ବିନିମୟ କରିବେ ।

## ଏମ୍ସ-ଅପିଲ୍

ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ - ଏମ୍ସ ଦିଲ୍ଲୀ ପକ୍ଷରୁ ରେସିଡେଣ୍ଟ ଡାକ୍ତରମାନଙ୍କୁ ରୋଗୀମାନଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି କାର୍ଯ୍ୟରେ ଯୋଗଦେବାପାଇଁ ଅନୁରୋଧ କରାଯାଇଛି । ଏମ୍ସ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇଦେବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ । ଚିକିତ୍ସା ସେବା ଯୋଗାଉଥିବା କର୍ମଚାରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ସୁପ୍ରିମ୍‌କୋର୍ଟ ମଧ୍ୟ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

ଏମ୍ସ୍ ପକ୍ଷରୁ ଏକ କମିଟି ଗଠନ କରାଯାଇ ଡାକ୍ତରମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ । ଏହି କମିଟିରେ ମେଡିକାଲ୍ କଲେଜର ଡିନ୍ ଅଧ୍ୟକ୍ଷ ରହିବେ ଏବଂ ତାଙ୍କ ସହ ଅନ୍ୟ ୪ ଜଣ ସଦସ୍ୟ ରହିବେ । ମେଡିକାଲ୍ କଲେଜ ସଂସ୍ଥାନରେ ମଧ୍ଯ ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଏକ ସ୍ୱତନ୍ତ୍ର କମିଟି ରହିବ । ଏହା ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ରୋଗୀମାନଙ୍କ ସମ୍ପର୍କୀୟ ଏବଂ ଡାକ୍ତରମାନଙ୍କୁ ସୁରକ୍ଷା ପ୍ରଦାନ ଦିଗରେ କାର୍ଯ୍ୟ କରିବ । ଡାକ୍ତରଖାନା ପରିସରର ସୁରକ୍ଷା ବ୍ୟବସ୍ଥାକୁ ମଧ୍ଯ ଏହି କମିଟି ଅନୁଧ୍ୟାନ କରିବ ।

# ଶ୍ରୀଜେସ୍ କେରଳ ହକି

ପ୍ୟାରିସ୍ ଅଲିମ୍ପିକ୍ସ ରେ ବ୍ରୋଞ୍ଜ ପଦକ ଜିତିଥିବା ପୂର୍ବତନ ହକି ଗୋଲ୍ କିପର୍ ପି.ଆର୍. ଶ୍ରୀଜେସ୍ଙ୍କୁ କେରଳ ସରକାର ୨ କୋଟି ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି । ଗତକାଲି ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେରଳର ଲୋକସଂପର୍କ ବିଭାଗ ଭାରତୀୟ ହକିର ବରିଷ୍ଠ ଖେଳାଳି ପି.ଆର୍.ଶ୍ରୀଜେସ୍' ଅଲିମ୍ପିକ୍ସ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ହାସଲ କରି ଭାରତ ଏବଂ କେରଳକୁ ଗୌରବାନ୍ୱିତ କରିଥିବା କହିଛି ।

# ହକି ଓଡ଼ିଶା

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ପୁରୁଷ ହକି ଟିମ୍‌କୁ ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟ ସରକାର ଏବଂ ପ୍ରଶଂସକମାନେ ଭବ୍ୟ ସ୍ୱାଗତ କରିଛନ୍ତି । ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ହକି ଇଣ୍ଡିଆର ଅଧ୍ୟକ୍ଷ ଦୀଲିପ କୁମାର ତୀର୍କି ପ୍ରମୁଖ ଭାରତୀୟ ହକି ଦଳକୁ ସ୍ୱାଗତ କରିଛନ୍ତି । ଭୁବନେଶ୍ୱରରେ ପ୍ରଶଂସକମାନଙ୍କ ଭିଡ଼ ମଧ୍ୟରେ ଖେଳାଳିମାନଙ୍କୁ ଏକ ର୍‍ୟାଲିରେ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ଆୟୋଜିତ ସମାରୋହରେ ହକି ଦଳର ଅଧିନାୟକ ହରମନ୍ ପ୍ରୀତ୍ ସିଂ ଏବଂ ଷ୍ଟାର୍ ଡିଫେଣ୍ଡର ଅମିତ ରୋହି ଦାସ’ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେମାନଙ୍କ ସ୍ୱାକ୍ଷର ଥିବା ଜର୍ସି ପ୍ରଦାନ କରିଥିଲେ । ସମାରୋହରେ ଓଡ଼ିଶାର ଖେଳାଳି ଅମିତ ରୋହି ଦାସଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ୪ କୋଟି ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ । ଦ ୱାଲ୍ ନାମରେ ପରିଚିତ ଗୋଲ୍ କିପର ଶ୍ରୀଜେସଙ୍କୁ ୫୦ ଲକ୍ଷ ଟଙ୍କା ଏବଂ ଅନ୍ୟ ଖେଳାଳିମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା ।